ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

**ପତ୍ର ସଂ–୮୫/୨୦୨୬** **ସପ୍ତାହ-୪୩** **ଶୁକ୍ରବାର, ତାରିଖ-୨୩.୧୦.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୧୩୧୩.୮/୭୪ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦.୦/୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (°C) | ୩୨.୩ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (°C) | ୨୧.୦ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୨୪-୧୦-୨୦୨୬ | ୦ | ୩୨ | ୧୯ | ୨ | ୮୨ | ୪୦ | ୧ | ୯୦ |
| | ୨୫-୧୦-୨୦୨୬ | ୦ | ୩୨ | ୧୯ | ୨ | ୮୦ | ୩୮ | ୧ | ୩୬୦ |
| | ୨୬-୧୦-୨୦୨୬ | ୦ | ୩୧ | ୧୯ | ୨ | ୭୮ | ୩୬ | ୧ | ୪୫ |
| | ୨୭-୧୦-୨୦୨୬ | ୨୦ | ୩୧ | ୧୮ | ୪ | ୮୪ | ୪୧ | ୩ | ୨୧ |
| | ୨୮-୧୦-୨୦୨୬ | ୮୦ | ୩୧ | ୧୮ | ୭ | ୮୮ | ୫୯ | ୬ | ୧୮ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

### ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ୨୭.୧୦.୨୦୨୬ ରିଖ ପରଠାରୁ ଜିଲ୍ଲାରେ ମଧ୍ୟମ ରୁ ପ୍ରବଳ ବର୍ଷା (୨୦-୮୦ ମିଲିମିଟର) ହେବାର ସମ୍ଭାବନା ରହିଛି ଆଗାମୀ ପାଞ୍ଚ ଦିନରେ ଆକାଶ ମୁଖ୍ୟତଃ ନିର୍ମଳ ଓ ସାଧାରଣତ ମେଘୁଆ ରହିପାରେ ଏବଂ ଉତ୍ତର ପୂର୍ବ ଓ ଉତ୍ତର ଦିଗ ରୁ ଘଣ୍ଟା ପ୍ରତି ୧ ରୁ ୦୬ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ହାରାହାରି ୩୧ -୩୨ ଡିଗ୍ରୀ ସେଲସିୟସ୍ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୮ ରୁ ୧୯ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୮ ରୁ ୮୮ ପ୍ରତିଶତ ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୩୬ ରୁ ୫୯ ପ୍ରତିଶତ ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

ବର୍ତ୍ତମାନ୍ ପାଣିପାଗର ସ୍ଥିତି: ପୂର୍ବ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଥିବା ଲଘୁଚାପ କ୍ଷେତ୍ର ଆଜି ୨୩ ଅକ୍ଟୋବର ୨୦୨୬ ସକାଳ ୦୮:୩୦ IST ସମୟରେ ସେହି ଅଞ୍ଚଳରେ ସକ୍ରିୟ ରହିଛି। ଏହା ସେହି ଅଞ୍ଚଳରେ ରହି ୨୪ ଅକ୍ଟୋବର ୨୦୨୬ ରେ ଅବପାତରେ ପରିଣତ ହେବାର ସମ୍ଭାବନା ଅଧିକ ରହିଛି, ଏହା ପରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୫ ଅକ୍ଟୋବରରେ ଗଭୀର ଅବପାତ ଏବଂ ୨୬ ଅକ୍ଟୋବର ସକାଳ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି ଏବଂ ଏହା ପରେ ଏହା ଆହୁରି ଘନୀଭୂତ ହୋଇ ପରବର୍ତ୍ତୀ ୨ ଦିନ ମଧ୍ୟରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପକୂଳ ଆଡକୁ ଅଗ୍ରସର ହେବ।

**ଚେତାବନୀ : ନାହିଁ (୨୬.୧୦.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ)।**

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଲଘୁଚାପ ପ୍ରଭାବରେ ୨୭ ଅକ୍ଟୋବରଠାରୁ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚାଷୀମାନଙ୍କୁ ପ୍ରତିଦିନ ପାଣିପାଗ ପୂର୍ବାନୁମାନ ଉପରେ ନଜର ରଖିବା ଏବଂ ଛିଡା ଫସଲକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ।
- ଆଶଙ୍କା କରାଯାଉଥିବା ବର୍ଷା ପୂର୍ବରୁ ପାଚିଲା ଡାଲି, ତୈଳବୀଜ, କପା ଏବଂ ମକା ଅମଳ କରନ୍ତୁ ଏବଂ ବଜାରକୁ ପଠାଇବା ଯୋଗ୍ୟ ପନିପରିବା ସଂଗ୍ରହ କରନ୍ତୁ।
- ପାଗ ଅନୁକୂଳ ହେବା ଏବଂ ଜମି ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ହେବା ପର୍ଯ୍ୟନ୍ତ ରବି ଫସଲ ବୁଣା ଓ ରୋପଣ ସ୍ଥଗିତ ରଖନ୍ତୁ।
- ତଳି ବେଡ଼କୁ ପଲିଥିନ ସିଟ୍ ଦ୍ୱାରା ଘୋଡାଇ ରଖନ୍ତୁ ଏବଂ ପ୍ରବଳ ବର୍ଷା ଓ ଜଳ ଜମିବାରୁ ଚାରାକୁ ରକ୍ଷା କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।
- ୨୬ ଅକ୍ଟୋବରଠାରୁ ସାର ପ୍ରୟୋଗ ଏବଂ ଫସଲ ସୁରକ୍ଷା ସ୍ପ୍ରେ ବର୍ଷା ବନ୍ଦ ହେବା ଏବଂ ଅନୁକୂଳ ପାଗ ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ।
- ଗୁହାଳ ଘର ଯାଞ୍ଚ ଓ ମରାମତି କରନ୍ତୁ ଏବଂ ବର୍ଷା ଜଳ ଭିତରକୁ ପଶିବାକୁ ରୋକିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ବର୍ଷା ସମୟରେ ପଶୁମାନଙ୍କୁ ସୁରକ୍ଷିତ ରଖନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ▪ ୨୬ ଅକ୍ଟୋବରଠାରୁ ଆଶଙ୍କା କରାଯାଉଥିବା ବର୍ଷାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ପାଚିଲା ଫସଲ ଅମଳ କରି ଶୁଖିଲା ସ୍ଥାନରେ ସୁରକ୍ଷିତ ଭାବେ ରଖନ୍ତୁ। |

**ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ**

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |

| | | |
|---|---|---|
| **ଖରିଫ ଧାନ** | **ଫୁଲ ରୁ ଶସ୍ୟ ପୂର୍ତି ଅବସ୍ଥା** | ▪ **ମହିଷା ରୋଗ :** ବର୍ତ୍ତମାନର ପାଣିପାଗ ସ୍ଥିତି ଧାନରେ ମହିଷା/ବ୍ଲାଷ୍ଟ ରୋଗ ସୃଷ୍ଟି ଓ ବୃଦ୍ଧି ପାଇଁ ଅନୁକୂଳ ରହିଛି। ରୋଗର ଲକ୍ଷଣ ଦେଖାଯିବା ମାତ୍ରେ, ଏହାର ନିୟନ୍ତ୍ରଣ ପାଇଁ ପାଗ ପରିଷ୍କାର ଥିବା ସମୟରେ ଏକର ପ୍ରତି ୮୦ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି. (Tebuconazole 50% + Trifloxystrobin 25% WG) କିମ୍ବା ୩୦୦ ମିଲିଲିଟର୍ ଆଇସୋପ୍ରୋଥିଓଲେନ୍ ୪୦% ଇ.ସି. (Isoprothiolane 40% EC) କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୦ ଦିନ ଅନ୍ତରାଳରେ ପୁନର୍ବାର ପ୍ରୟୋଗ କରନ୍ତୁ ।<br>▪ **ପତ୍ରାଚ୍ଛାଦ ପୋଡ଼ା ରୋଗ :** ବର୍ତମାନ ପାଗରେ ଏହି ରୋଗର ସମ୍ଭାବନା ଅଧିକ ରହିଛି ।  ଏହାର ପ୍ରତିକାର ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ .ଜି. ୮୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍୨୫ % ଇ.ସି କୁ ୨୦୦ ମିଲିଗ୍ରାମ ହିସାବରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ ।<br>▪ **ବୀଜାଣୁ ଜନିତ ପତ୍ରପୋଡ଼ା:** ବର୍ତ୍ତମାନର ପାଣିପାଗ ସ୍ଥିତିରେ ବୀଜାଣୁ ଜନିତ ପତ୍ରପୋଡ଼ା / ବ୍ୟାକ୍ଟେରିଆଲ୍ ଲିଫ୍ ବ୍ଲାଇଟ୍ ରୋଗର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ପାଗ ପରିଷ୍କାର ଥିବା ସମୟରେ ଏକର ପ୍ରତି ୬୦୦ ଗ୍ରାମ୍ କପର୍ ଓକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁ.ପି. କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ **ମାଟିଆ ଗୁଣ୍ଡି / ଧଳାପିଠିଆ ଗୁଣ୍ଡି ପୋକ:** ବର୍ତ୍ତମାନର ପାଣିପାଗ ସ୍ଥିତିରେ ଏହି ଅବସ୍ଥାରେ ମାଟିଆ ଗୁଣ୍ଡି ପୋକ / ବି.ପି.ଏଚ୍ (BPH) ଏବଂ ଧଳାପିଠିଆ ଗୁଣ୍ଡି ପୋକ / ଡବ୍ଲୁ.ବି.ପି.ଏଚ୍ (WBPH) ର ପ୍ରାଦୁର୍ଭାବ ଦେଖାଯାଇପାରେ। ମାଟିଆ ଗୁଣ୍ଡି / ଧଳାପିଠିଆ ଗୁଣ୍ଡି ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନ ଜାତୀୟ ସାର ବ୍ୟବହାର କରନ୍ତୁ ନାହିଁ<br>ଯଦି ପୋକ ସଂଖ୍ୟା ଆର୍ଥିକ କ୍ଷତିସୀମା / ଇ.ଟି.ଏଲ୍ (ଗୋଛି ପ୍ରତି ୫-୧୦ ଟି ପୋକ) ଅତିକ୍ରମ କରେ, ତେବେ ଚାଷୀଭାଇମାନଙ୍କୁ କ୍ଷେତରେ ପାଣି ଜମାଇ ନରଖି ପର୍ଯ୍ୟାୟକ୍ରମେ ଜମି ଓଦା ଓ ଶୁଖିଲା ରଖନ୍ତୁ ।ଯଦି ସମସ୍ୟା ଲାଗିରହେ, ତେବେ ପାଗ ପରିଷ୍କାର ଥିବା ସମୟରେ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ:<br>1. ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି (Pymetrozine 50% WG) @ ୧୨୦ ଗ୍ରାମ୍, କିମ୍ବା<br>2. ଡିନୋଟେଫ୍ୟୁରାନ୍ ୨୦% ଏସ୍.ଜି (Dinotefuran 20% SG) @ ୮୦ ଗ୍ରାମ୍, କିମ୍ବା<br>3. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍ (Imidacloprid 17.8% SL) @ ୫୦ ମିଲି, କିମ୍ବା<br>4. ବୁପ୍ରୋଫେଜିନ୍ ୨୦% + ଏସିଫେଟ୍ ୫୦% ଡବ୍ଲୁ.ପି (Buprofezin 20% + Acephate 50% WP) @ ୪୦୦ ଗ୍ରାମ୍, କିମ୍ବା<br>5. ଫ୍ଲୋନିକାମିଡ୍ ୫୦% ଡବ୍ଲୁ.ଜି (Flonicamid 50% WG) @ ୬୦ ଗ୍ରାମ୍ ସିଞ୍ଚନ କରନ୍ତୁ।<br>▪ **ଗନ୍ଧି ପୋକ:** ଯଦି ଧାନ କ୍ଷେତରେ ଗନ୍ଧି ପୋକର ପ୍ରାଦୁର୍ଭାବ ଆର୍ଥିକ ଦେହଳୀ ସୀମା (ETL) ଅର୍ଥାତ୍ ବୁଦା ପ୍ରତି ୨ ଟି ବୟସ୍କ ପୋକ କିମ୍ବା ବର୍ଗ ମିଟର ପ୍ରତି ୫ ଟି ବୟସ୍କ ପୋକରୁ ଅଧିକ ହୁଏ, ତେବେ ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ମିଲିଲିଟର ଇଟୋଫେନ୍ପ୍ରକ୍ସ ୧୦ ଇ.ସି. (Etofenprox 10 EC) କିମ୍ବା ଏକର ପ୍ରତି ୪୦୦ ମିଲିଲିଟର ମାଲାଥିଅନ ୫୦% ଇ.ସି. (Malathion 50% EC) କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| **କପା** | **ବକରା ବିକଶିତ ରୁ ବକରା ଫୁଟିବା ଅବସ୍ଥା** | ▪ **ଶୋଷକ କୀଟ (ଜଉ, ଉକୁଣିଆ, ପତ୍ରଡିଆଁ, ଦହିଆ ଓ ଧଳାମାଛି):** ବର୍ତ୍ତମାନ ର  ପାଗ ଶୋଷକ କୀଟ ଆକ୍ରମଣ ପାଇଁ ଅନୁକୂଳ ଅଟେ । ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ରାସାୟନିକ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ୮୦ ଗ୍ରା. ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି କିମ୍ବା ୮୦ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲ୍ୟୁ.ଜି ନଚେତ ୪୦୦ ମି.ଲି. ବୁପ୍ରୋଫେଜିନ୍ ୨୫% ଏସ୍.ସି କିମ୍ବା ୨୪୦ ଗ୍ରାମ ଡାଇଫେନଥିୁରିଅନ ୫୦% ଡବ୍ଲୁ.ପି  କୁ ମିଶ୍ରଣ କରି ସିଂଚନ କରନ୍ତୁ ।<br>▪ **ଆମେରିକୀୟ ବକରା ବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଏକର ପିଛା ୨ ଟି ଫେରୋମୋନ ଟ୍ରାପ୍ ଲଗାନ୍ତୁ । ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୫ ଗ୍ରାମ ଇମାମେକ୍ଟୀନ୍ ବେଞ୍ଜୋଏଟ୍ ୫ ଏସ୍.ଜି କିମ୍ବା ୨୦ ମିଲିଗ୍ରାମ ପ୍ରଫେନୋଫୋସ୍ ୫୦ ଇ.ସି କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ **ପାଉଁଶିଆ ରୋଗ ଏବଂ ବୀଜାଣୁ ଜନିତ ପତ୍ରପୋଡା ରୋଗ:** ପ୍ରତିକାର ପାଇଁ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରା. ପ୍ଲାଣ୍ଟୋମାଇସିନ୍ ସହିତ ୨୫  ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ |
| **ସୋରିଷ** | **ବୁଣିବା ଅବସ୍ଥା** | ▪ ଏକର ପ୍ରତି ୨.୫ ରୁ ୩ କି.ଗ୍ରା. ରାଇ ଓ ୧.୫ ରୁ ୨.୦ କିଲୋଗ୍ରାମ ସୋରିଷ ମଞ୍ଜି ଆବଶ୍ୟକ।<br>▪ **ଉପଯୁକ୍ତ କିସମ - ରାଇ -** ପୁସା ବୋଲ୍ଡ, ପୁସା ଜୈକିସନ୍, ଯେ.ଡି-୬ . **ସୋରିଷ -** ଏମ ୨୯, ଅନୁରାଧା, ପାର୍ବତୀ |
| **ସୂର୍ଯ୍ୟମୁଖୀ** | **ବୁଣିବା ଅବସ୍ଥା** | ▪ **ଏକର ପିଛା ବିହନ ପରିମାଣ -** ସ୍ବାଭାବିକ କିସମ - ୪ କିଲୋଗ୍ରାମ, ଶଙ୍କର କିସମ - ୨ କିଲୋଗ୍ରାମ<br>▪ **ଉପଯୁକ୍ତ କିସମ - ସ୍ବାଭାବିକ କିସମ:** ମର୍ଡନ, ଟିଏନଏୟୁଏସୟୁଏଫ୍ -୭, ଡିଆରଏସଏଫ୍ -୧୦୮(୯୦ ଦିନ), **ଶଙ୍କର କିସମ:** ପିଏସି ୩୬, କେବିଏସଏଚ ୧, ଏମଏସଏଫ୍ଏଚ ୮, ଏମଏସଏଫ୍ଏଚ ୧୭ (୯୫-୧୧୦ ଦିନ) |
| **ଉଦ୍ୟାନ କୃଷି** | | |

| | | |
|---|---|---|
| **କୋବି ଜାତୀୟ ପନିପରିବା** (ଫୁଲକୋବି, ପତ୍ରକୋବି, ବ୍ରୋକୋଲି) | ନର୍ସରୀ | ▪ **ଉପଯୁକ୍ତ କିସମ:**<br>▪ **ଫୁଲକୋବି (୬୦ ରୁ ୭୫ ଦିନ)-ଉନ୍ନତ କିସମ:** ପୁସା ଇଅର୍ଲି ସିନ୍ଥେଟିକ୍, ଇଅର୍ଲି କୁଆଁରୀ, କାର୍ତ୍ତିକ, ପୁସା ଦିପାଲି, ଅର୍କ କ୍ରାନ୍ତି, ଅର୍କ ସୁରଥ୍ , **ସଙ୍କର କିସମ:** ଶ୍ୱେତା, ପୁଷ୍ପଗିରି, ତୁଷାର ଗୁଡ଼ ମ୍ୟାନ୍ ଇତ୍ୟାଦି।<br>▪ **ବନ୍ଧାକୋବି (୬୦ ରୁ ୭୫ ଦିନ)- ଉନ୍ନତ କିସମ:** ଗୋଲ୍ଡେନ ଏକର, ପ୍ରାଇଡ୍ ଅଫ ଇଣ୍ଡିଆ, ପୁସା ସମ୍ବନ୍ଧ, **ସଙ୍କର କିସମ:** ଗ୍ରିନ ବଲ୍, ପ୍ରିୟା, ଜେନିଥ ଗୋଲ୍ଡ ଷ୍ଟାର, ପ୍ରଗତି ଇତ୍ୟାଦି।<br>▪ **ବ୍ରୋକୋଲି - ଉନ୍ନତ କିସମ:** ଗ୍ରୀନ ମାଉଣ୍ଟେନ୍, କୋଷ୍ଟାଲ୍, ପାଲମ୍ ସଂବ୍ରୀଦ୍ଧି, ପୁସା କେଟିଏସ୍-୧, **ସଙ୍କର କିସମ:** ଉଇ ଗ୍ରୀନ, ପ୍ୟାକ୍ ମ୍ୟାନ, ୟୁନିଭର୍ସାଲ ଇତ୍ୟାଦି। |
| **ପିଆଜ** | ନର୍ସରୀ | ▪ **ନର୍ସରୀ ବେଡ୍ ପ୍ରସ୍ତୁତି ପ୍ରଣାଳୀ:** ତଳି ପ୍ରସ୍ତୁତ କରିବା ପାଇଁ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫-୨୦ ସେ.ମି ଉଚ୍ଚତା ବିଶିଷ୍ଟ ପଟାଳି ମାନ ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ପଟାଳି ପିଛା ୧୫ ରୁ ୩୦ କିଲୋଗ୍ରାମ ସଢା ଗୋବର ଖତ ଓ ୧୫୦ ଗ୍ରାମ କ୍ଲୋରୋପାଇରିଫୋସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏକ ଏକର ଚାଷ ପାଇଁ ୪-୫ କିଲୋଗ୍ରାମ ମଞ୍ଜି ଏବଂ ୫୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ଆବଶ୍ୟକ ହୋଇଥାଏ। ଝାଉଁଳା ଓ ମୂଳସଢା ରୋଗର ପ୍ରତିଷେଧକ ରୂପେ ମଞ୍ଜି ବୁଣିବା ପୁର୍ବରୁ  କୁ ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ଓ ୧୦ ଗ୍ରାମ କର୍ବେନଡାଜିମ୍ କୁ ମିଶ୍ରଣ କରି ନର୍ସରୀ ପାଇଁ ପ୍ରସ୍ତୁତ ପଟାଳି କୁ ଭିଜାଇ ଦିଅନ୍ତୁ।<br>▪ **ଉପଯୁକ୍ତ କିସମ:** ଏଗ୍ରୀ ଫାଉଣ୍ଡ ଲାଇଟ୍ ରେଡ୍, ଭୀମା ସୁପର, ଭୀମା ରେଡ୍, ଭୀମା ଶକ୍ତି ଇତ୍ୟାଦି। |
| **ଟମାଟୋ** | ନର୍ସରୀ | ▪ **ନର୍ସରୀ ବେଡ୍ ପ୍ରସ୍ତୁତି ପ୍ରଣାଳୀ:** ତଳି ପ୍ରସ୍ତୁତ କରିବା ପାଇଁ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫-୨୦ ସେ.ମି ଉଚ୍ଚତା ବିଶିଷ୍ଟ ପଟାଳି ମାନ ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ପଟାଳି ପିଛା ୧୫ ରୁ ୩୦ କିଲୋଗ୍ରାମ ସଢା ଗୋବର ଖତ ଓ ୧୫୦ ଗ୍ରାମ କ୍ଲୋରୋପାଇରିଫୋସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏକ ଏକର ଚାଷ ପାଇଁ ଉନ୍ନତ କିସମ ମଞ୍ଜି ୨୦୦ ଗ୍ରାମ ଏବଂ ୫୦-୧୦୦ ଗ୍ରାମ୍ ସଙ୍କର କିସମ ମଞ୍ଜି ଏବଂ ୫୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ଆବଶ୍ୟକ ହୋଇଥାଏ । ଝାଉଁଳା ରୋଗର ପ୍ରତଷେଧକ ରୂପେ ନର୍ସରୀ ବେଡ୍ କୁ ମଞ୍ଜି ବୁଣିବା ପୂର୍ବରୁ ଟ୍ରାଇକୋଡରମା ଭିରିଡେ ୧.୫% ଡବ୍ଲୁପି କୁ ବର୍ଗ ମିଟର ପିଛା ୫୦ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ।<br>▪ **ଉପଯୁକ୍ତ କିସମ:** ଉତ୍କଳ ପ୍ରଜ୍ଞା, ଉତ୍କଳ ରାଜା, ଉତ୍କଳ କୁମାରୀ, ଉତ୍କଳ ପଲ୍ଲଭି, ଉତ୍କଳ ଦୀପ୍ତି, ଉତ୍କଳ ଉର୍ବଶୀ, ପୁସା ଶୀତଲ, ଅର୍କ ଆଭା, ଅର୍କ ଅଭିଜିତ, ସ୍ୱର୍ଣ୍ଣ ସମ୍ପଦ ଇତ୍ୟାଦି। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ବର୍ତମାନ ପାଗ କୁ ଦେଖି ଆଦ୍ରତା ବୃଦ୍ଧି ପାଉଥିବାରୁ,  ଗୁହାଳରେ ଉତ୍ତମ ପବନ ଚଳାଚଳ ବ୍ୟାବାସ୍ଥା କୁ ନିଶ୍ଚିତ କରନ୍ତୁ । ହାଇବ୍ରିଡ଼ ନାପିଅର ପରି ଘାସ କୁ ଚାଷୀ ମାନେ ଚାଷ କରି ପଶୁ ମାନଙ୍କୁ ଖାଇବାକୁ ଦିଅନ୍ତୁ । |
| **ଛେଳି ଓ ମେଣ୍ଢା** | | ▪ ଛେଳି ଓ ମେଣ୍ଢା ମାନଙ୍କୁ ନିୟମିତ ଭାବରେ ଜଳ ଶୁନ୍ୟତା,  ତାପ ଚାପ ଓ ପରଜୀବି ସଂକ୍ରମଣ ର ଲକ୍ଷଣ ଜାଞ୍ଚ କରନ୍ତୁ। ଆବଶ୍ୟକତା ଅନୁସାରେ କୃମି ଔଷଧ ଦିଅନ୍ତୁ । ଫାଟୁଆ ଓ ଛେଳି ମଡ଼କ ପରି ସ୍ବାଭାବିକ ରୋଗ ବିରୋଧ ରେ ଟିକା କରଣ କରେଇ ଦିଅନ୍ତୁ । |
| **କୁକୁଡ଼ା** | | ▪ କୁକୁଡ଼ା ଚାଷୀ ମାନେ ଡିପ ଲିଟର ପ୍ରଣାଳୀ ମାଂସ ପାଇଁ ପାଳନ କରୁଥିବା କୁକୁଡ଼ା ମାନଙ୍କୁ ରଖନ୍ତୁ । ଏହା ଘରକୁ ପରିଷ୍କାର ରଖିବା ଓ ତାପମାତ୍ରା କୁ ଆୟତ ରେ ରଖିବାରେ ସହାୟକ ହୋଇଥାଏ । |

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକାୟା ଯାଆଁଳ, କୁକୁଡ଼ା ଛିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**